# NATIONAL NEWS BULLETIN (ODIA)

**26 September - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ଅଞ୍ଚଳ ସୀଆଚେନ୍ ପରିଦର୍ଶନ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷକୁ ଦୃଷ୍ଟିରେ ରଖି ଭାରତୀୟ ନାଗରିକମାନଙ୍କୁ ଲେବାନନ୍ ଯାତ୍ରା ନକରିବା ଲାଗି ପରାମର୍ଶ ଜାରୀ ।
- ବିଜେପି ଏକ ଗଣତାନ୍ତ୍ରିକ ଦଳ ଏବଂ ଏହା ଆଦର୍ଶବାଦ ଉପରେ ବିଶ୍ୱାସ କରେ ବୋଲି କହିଲେ ଦଳୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ।
- ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଲାଗି ପ୍ରଚାରକାର୍ଯ୍ୟ ଜୋର୍‌ଦାର ।

ଏବଂ

- ଅରୁଣାଚଳ ପ୍ରଦେଶ ଓ ନାଗାଲାଣ୍ଡର କେତେକ ଜିଲ୍ଲାରେ ସୁରକ୍ଷାବଳ ସ୍ୱତନ୍ତ୍ର ଅଧିକାର ଅଧିନିୟମ ଆଫ୍‌ସା ଅବଧି ୬ମାସ ବୃଦ୍ଧି ।

---

## ପ୍ରେଜ୍ - ସିଆଚୀନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସିଆଚୀନ ବେସ୍ କ୍ୟାମ୍ପ୍ ଗସ୍ତ କରିଛନ୍ତି । ସେଠାରେ ଥୋସେ ଏୟାର ଫିଲ୍ଡରେ ପହଞ୍ଚିବା ପରେ ଲଦାଖର ଉପରାଜ୍ୟପାଳ ବ୍ରିଗେଡିୟର ଡକ୍ଟର ବି.ଡି. ମିଶ୍ରା' ରାଷ୍ଟ୍ରପତିଙ୍କୁ ସ୍ୱାଗତ

କରିଥିଲେ । ଏହି ଗସ୍ତକାଳରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସେଠାରେ ଅବସ୍ଥାପିତ ସେନା ଅଧିକାରୀ ତଥା ଯବାନମାନଙ୍କ ସହିତ ବାର୍ତ୍ତାଳାପ କରିବାର କାର୍ଯ୍ୟକ୍ରମ ରହିଛି । ଲଦାଖ କେନ୍ଦ୍ରଶାସିତ ଅଞ୍ଚଳରେ ଅବସ୍ଥାପିତ ବିଶ୍ୱର ସର୍ବୋଚ୍ଚ ଯୁଦ୍ଧକ୍ଷେତ୍ର ଅଞ୍ଚଳ ସିଆଚୀନ ଗସ୍ତ କରିବାରେ ଶ୍ରୀମତୀ ମୁର୍ମୁ ହେଉଛନ୍ତି ତୃତୀୟ ଭାରତୀୟ ରାଷ୍ଟ୍ରପତି । ପୂର୍ବରୁ ୨୦୦୪ ମସିହା ଏପ୍ରିଲ୍ ମାସରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. କଲାମ ଏବଂ ୨୦୧୮ ମେ ମାସରେ ରାମନାଥ କୋବିନ୍ଦ ଏହି ବେସ୍ କ୍ୟାମ୍ପ୍ ପରିଦର୍ଶନ କରିଥିଲେ । ଅପରେସନ ମେଘଦୂତ୍ ଅଧୀନରେ ଭାରତୀୟ ସେନା ୧୯୮୪ ମସିହା ଏପ୍ରିଲ୍ ୧୩ ତାରିଖରେ ଏହି ଅଞ୍ଚଳକୁ ନିଜର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିଥିଲା ।

## ଭାରତୀୟ ଦୂତାବାସ ପରାମର୍ଶ

ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷକୁ ଦୃଷ୍ଟିରେ ରଖି ବେରୁଟସ୍ଥିତ ଭାରତୀୟ ଦୂତାବାସ ସେଠାରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଲେବାନନ୍ ଯାତ୍ରା ନକରିବା ଲାଗି ପରାମର୍ଶ ଦେଇଛି । ଯେତେଶୀଘ୍ର ସମ୍ଭବ ନାଗରିକମାନଙ୍କୁ ଲେବାନନ୍‌ରୁ ଫେରି ଆସିବା ପାଇଁ ଦୂତାବାସ କହିଛି । ପରବର୍ତ୍ତୀ ସୂଚନା ପର୍ଯ୍ୟନ୍ତ ପଶ୍ଚିମାଞ୍ଚଳ ଏସୀୟ ଦେଶଗୁଡ଼ିକୁ ଯାତ୍ରା ନକରିବା ପାଇଁ ଦୂତାବାସ ପକ୍ଷରୁ ସତର୍କତା ଜାରି

କରାଯାଇଥିବାବେଳେ ଲେବାନନ୍‌ରେ ଥିବା ଭାରତୀୟମାନଙ୍କୁ ଫେରିଆସିବା ଲାଗି ପରାମର୍ଶ ଦିଆଯାଇଛି । ଯେଉଁ ଲୋକମାନେ କୌଣସି କାରଣ ଯୋଗୁଁ ସେଠାରେ ଅଟକି ରହିଛନ୍ତି ସେମାନଙ୍କୁ ଅଧିକ ସତର୍କ ରହିବାକୁ ଏବଂ ବାହାରକୁ ନଯିବା ପାଇଁ ଦୂତାବାସ ପକ୍ଷରୁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଦୂତାବାସ ସହ ସମ୍ପର୍କରେ ରହିବା ଲାଗି ପରାମର୍ଶ ଦିଆଯାଇଛି । ଲେବାନନ୍‌ରେ ଇସ୍ରାଏଲ ଆକ୍ରମଣ ଯୋଗୁଁ ୫୦ଜଣ ଶିଶୁଙ୍କ ସତେ ୫୫୮ଜଣଙ୍କର ମୃତ୍ୟୁ ଘଟିଛି । ଏହି ଆକ୍ରମଣରେ ୧ହଜାର ୮୩୫ଜଣ ଆହତ ହୋଇଛନ୍ତି । ହିଜ୍‌ବୁଲ୍ଲା ମଧ୍ୟ ଇସ୍ରାଏଲ ଉପରେ ରକେଟ୍ ଆକ୍ରମଣ କରିଥିବା ସୂଚନା ମିଳିଛି ।

## ଅର୍ଥମନ୍ତ୍ରୀ-ଉଜ୍‌ବେକିସ୍ତାନ ରାଷ୍ଟ୍ରପତି

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏସିଆନ୍ ଇନ୍‌ଫ୍ରାଷ୍ଟ୍‌କଚର ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କ - ଏ.ଆଇ.ଆଇ.ବିର ପରିଚାଳନା ମଣ୍ଡଳୀର ନବମ ବାର୍ଷିକ ବୈଠକ ଅବସରରେ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ସୌକତ୍ ମିର୍ଜିୟୋୟେବଙ୍କ ସହ ଗତକାଲି ସମରକନ୍ଦରେ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଆଲୋଚନା କାଳରେ ଶ୍ରୀମତୀ ସୀତାରମଣ ଉଜ୍‌ବେକିସ୍ତାନ ରାଷ୍ଟ୍ରପତିଙ୍କୁ ବିଭିନ୍ନ ବୈଠକ ସମ୍ପର୍କରେ ଅବଗତ କରାଇଥିଲେ । ଡିଜିଟାଲ ଜ୍ଞାନକୌଶଳ, ଫିନ୍‌ଟେକ୍, କୃତ୍ରିମ ବୁଦ୍ଧିମତା, ନବୀକରଣୀୟ ଶକ୍ତି, ସ୍ୱାସ୍ଥ୍ୟ

ଏବଂ ଫାର୍ମା କ୍ଷେତ୍ରରେ ସହଯୋଗ ବୃଦ୍ଧି ନିମନ୍ତେ ଉଭୟ ଦେଶ ମଧ୍ୟରେ ଆଲୋଚନା ହୋଇଛି । ଅର୍ଥମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି ଦୁଇଦେଶର ଛାତ୍ରଛାତ୍ରୀ, ପର୍ଯ୍ୟଟକ ଏବଂ ବ୍ୟବସାୟୀମାନଙ୍କ ନିମନ୍ତେ ଫିନ୍‌ଟେକ୍ କ୍ଷେତ୍ରରେ ସହଯୋଗ ସୁବିଧାଜନକ ହେବ । ଶ୍ରୀମତୀ ସୀତାରମଣ କହିଛନ୍ତି ଭାରତ ଉଜ୍‌ବେକିସ୍ତାନର ଉଦ୍ୟମକୁ ପ୍ରଶଂସା କରୁଛି ଏବଂ ଉଭୟ ଦେଶ ଜଳବାୟୁ ସମସ୍ୟା ସମାଧାନ ଦିଗରେ ଆଗାମୀ ଦିନରେ ମିଳିତଭାବେ କାର୍ଯ୍ୟ କରିବାର ସମ୍ଭାବନା ପ୍ରକାଶ ପାଇଛି । ରାଷ୍ଟ୍ରପତି ମିର୍ଜିୟୋୟେବ୍ କହିଛନ୍ତି ଭାରତ ଏବଂ ଉଜ୍‌ବେକିସ୍ତାନ ମଧ୍ୟରେ ଦୃଢ଼ ଐତିହାସିକ ସମ୍ପର୍କ ରହିଛି ଏବଂ ଏହାକୁ ଆହୁରି ଦୃଢ଼ କରିବା ଲାଗି ଉଜ୍‌ବେକିସ୍ତାନ ସମର୍ଥନ କରିବ ।

## ନଡ୍ଡା-ଓଡ଼ିଶା

ବିଜେପି ଏକ ଗଣତାନ୍ତ୍ରିକ ଦଳ ଏବଂ ଏହା ଆଦର୍ଶବାଦ ଉପରେ ବିଶ୍ୱାସ କରେ ବୋଲି ବିଜେପି ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ନଡ୍ଡା ନୂତନ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଦେଶର ଏକମାତ୍ର ରାଜନୈତିକ ଦଳ ଭାବେ ବିଜେପି ସମସ୍ତଙ୍କ ସମର୍ଥନ ହାସଲ କରିଛି । ଅନ୍ୟ ରାଜନୈତିକ

ଦଳଗୁଡ଼ିକୁ ସମାଲୋଚନା କରି ଶ୍ରୀ ନଡ୍ଡା କହିଛନ୍ତି ବିଜେପିର ସଦସ୍ୟ ସଂଗ୍ରହ ପ୍ରକ୍ରିୟା ଅନ୍ୟ ରାଜନୈତିକ ଦଳଗୁଡ଼ିକ ତୁଳନାରେ ସମ୍ପୂର୍ଣ୍ଣ ସ୍ୱଚ୍ଛ ।

ଶ୍ରୀ ନଡ୍ଡା ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସେ ରାଜ୍ୟରେ ସଂଗଠନର ବିକାଶ ନେଇ ଦଳୀୟ ସଦସ୍ୟମାନଙ୍କ ସହ ଆଲୋଚନା କରିବେ । ପରେ ଶ୍ରୀ ନଡ୍ଡା ରାଜ୍ୟ ବିଜେପି ଅଧ୍ୟକ୍ଷଙ୍କ ସମେତ ମନ୍ତ୍ରୀ, ବିଧାୟକ, ସାଂସଦ ଏବଂ ପଦାଧିକାରୀମାନଙ୍କ ସହ ବିଚାରବିମର୍ଷ କରିବାର କାର୍ଯ୍ୟକ୍ରମ ରହିଛି ।

# ଜେକେ-ନିର୍ବାଚନ ପ୍ରଚାର

ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ପାଇଁ ପ୍ରଚାରକାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ବିଜେପିର ପ୍ରଚାର ଅଭିଯାନ ଲାଗି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଜାମ୍ମୁରେ ପହଞ୍ଚିବେ । ଶ୍ରୀ ଶାହା ଜାମ୍ମୁର କଠୁଆ ଏବଂ ଉଧମପୁର ଜିଲ୍ଲାରେ ୪ଟି ର୍‍ୟାଲିକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚନ ପ୍ରଚାର ଲାଗି ଜାମ୍ମୁ ଗସ୍ତ କରିବେ ।

ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଗତକାଲି ଜାମ୍ମୁରେ ଲୋକମାନଙ୍କ ସହ ଆଲୋଚନା କରି କଂଗ୍ରେସ ପାଇଁ ଭୋଟ୍‌ଭିକ୍ଷା କରିଛନ୍ତି । ପିପୁଲ୍ସ ଡେମୋକ୍ରାଟିକ ପାର୍ଟି ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ

ମେହବୁବା ମୁଫ୍ତି ମଧ୍ୟ ଗତକାଲି ଜାମ୍ମୁରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ରୋଡ ଶୋ' କରିଥିଲେ । କେନ୍ଦ୍ରଶାସିତ ପ୍ରଦେଶରେ ଅନ୍ତିମ ଚରଣ ନିର୍ବାଚନ ସମସ୍ତ ରାଜନୈତିକ ଦଳଗୁଡ଼ିକ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ । ଶେଷ ପର୍ଯ୍ୟାୟରେ ଅକ୍ଟୋବର ୧ରେ ୪୦ଟି ବିଧାନସଭା ଆସନ ପାଇଁ ମତଦାନ ହେବ । ଏଥିରେ ଜାମ୍ମୁର ୨୪ଟି ଏବଂ କାଶ୍ମୀରର ୧୬ଟି ବିଧାନସଭା ଆସନ ରହିଛି ।

## କୁମାରସ୍ୱାମୀ-ଏକ୍ ପେଡ୍ ମାଁ କେ ନାମ୍

ଷ୍ଟିଲ ଏବଂ ଭାରୀ ଉଦ୍ୟୋଗ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆଜି 'ମା ପାଇଁ ଗଛଟିଏ' ଅଭିଯାନରେ ଦିଲ୍ଲୀରେ ଚାରାରୋପଣ କରିଛନ୍ତି । ସମ୍ବାଦଦାତାମାନଙ୍କ ସହ ଆଲୋଚନା ସମୟରେ ଶ୍ରୀ କୁମାରସ୍ୱାମୀ କହିଛନ୍ତି ଯେଉଁଠାରେ ବି ସରକାର ଷ୍ଟିଲ ଉଦ୍ୟୋଗ ସ୍ଥାପନ କରୁଛନ୍ତି, ସେଠାରେ ଅଙ୍ଗାରକାମ୍ଳ ନିର୍ଗମନ ନିମନ୍ତେ ସବୁଜିମା ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି । ସେ କହିଛନ୍ତି ଏହାଦ୍ୱାରା ଭାରତ ପ୍ୟାରିସ୍ ଚୁକ୍ତି ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ଶୂନ୍ୟ ଅଙ୍ଗାରକ ନିର୍ଗମନ ଦେଶ ହେବା ଲକ୍ଷ୍ୟ ପୂରଣ କରିପାରିବ ।

## ଆଫ୍‌ସା-ଅରୁଣାଚଳ ନାଗାଲାଣ୍ଡ

ଅରୁଣାଚଳ ପ୍ରଦେଶର ୩ଟି ଜିଲ୍ଲା ଏବଂ ନାମ୍‌ସାଇ ଜିଲ୍ଲାର କେତେକ ଭାଗରେ ସୁରକ୍ଷାବଳ ସ୍ୱତନ୍ତ୍ର ଅଧିକାର ଅଧିନିୟମ ଆଫ୍‌ସା ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅକ୍ଟୋବର ପହିଲାରୁ ଏହି ସ୍ୱତନ୍ତ୍ର ଅଧିନିୟମକୁ ଆହୁରି ୬ମାସ ବୃଦ୍ଧି କରିଛନ୍ତି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଅରୁଣାଚଳ ପ୍ରଦେଶର ତୀରପ, ଚାଙ୍ଗଲାଙ୍ଗ ଏବଂ ଲୋଙ୍ଗଡିଙ୍ଗ ଜିଲ୍ଲା ଏବଂ ନାମସାଇ ଜିଲ୍ଲାର ନାମସାଇ, ମହାଦେବପୁର ଏବଂ ଚୌଖମ ପୁଲିସ ଷ୍ଟେସନ ଅନ୍ତର୍ଗତ ଅଞ୍ଚଳ ଗୁଡ଼ିକୁ ଅଶାନ୍ତ ଘୋଷଣା କରାଯାଇଛି । ସେହିପରି ନାଗାଲାଣ୍ଡର ୮ଟି ଜିଲ୍ଲା ସମେତ ୫ଟି ଜିଲ୍ଲାର କେତେକ ଅଞ୍ଚଳରେ ୬ମାସ ପର୍ଯ୍ୟନ୍ତ ଆଫ୍‌ସା ବୃଦ୍ଧି କରାଯାଇଛି । ସେହି ଜିଲ୍ଲାଗୁଡ଼ିକ ହେଉଛି ଦିମାପୁର, ନିଉଲ୍ୟାଣ୍ଡ, ଚୁମଉକେଦିମା, ମୋନ୍, ନୋକଲାକ, ଫେକ୍ ଏବଂ ପରେନ ।

## ପି.ଏମ୍. - ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ର ଗସ୍ତ କରି ୨୨ ହଜାର ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ । ଏହି ଅବସରରେ ଶ୍ରୀ ମୋଦୀ ପୁନେଠାରେ ଜିଲ୍ଲା ଅଦାଲତରୁ ସ୍ୱାର୍ଗେଟ୍ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଟ୍ରୋ ଟ୍ରେନ୍‌କୁ ସବୁଜ

ପତାକା ଦେଖାଇ ଶୁଭାରମ୍ଭ କରିବେ । ସେହିଭଳି ସୁପର କମ୍ପ୍ୟୁଟିଂ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରାଇବା ଦିଗରେ ନିଜର ପ୍ରତିଶ୍ରୁତିବଦ୍ଧତା ବଜାୟ ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ପ୍ରାୟ ୧୩୦ କୋଟି ଟଙ୍କାର ତିନୋଟି ପରମରୁଦ୍ର ସୁପର କମ୍ପ୍ୟୁଟର ଦେଶ ଉଦ୍ଦେଶ୍ୟରେ ଲୋକାର୍ପଣ କରିବେ । ଏହି ସୁପର କମ୍ପ୍ୟୁଟର ଗୁଡ଼ିକ ଜାତୀୟ ସୁପର କମ୍ପ୍ୟୁଟିଂ ମିଶନ୍ ଅଧୀନରେ ସ୍ୱଦେଶ ଜ୍ଞାନକୌଶଳରେ ବିକଶିତ କରାଯାଇଛି । ବିଭିନ୍ନ ଅଗ୍ରଣୀ ବୈଜ୍ଞାନିକ ଗବେଷଣାତ୍ମକ କାର୍ଯ୍ୟରେ ସହାୟତା କରିବା ଲାଗି ଏହି ସୁପର କମ୍ପ୍ୟୁଟରଗୁଡ଼ିକୁ ପୁନେ, ଦିଲ୍ଲୀ ଓ କୋଲକାତାରେ ସ୍ଥାପନ କରାଯାଇଛି । ଏହାଛଡ଼ା ଶ୍ରୀ ମୋଦୀ ପାଣିପାଗ ଓ ଜଳବାୟୁ କ୍ଷେତ୍ରରେ ଗବେଷଣା ଲାଗି ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ କମ୍ପ୍ୟୁଟିଂ ବ୍ୟବସ୍ଥାର ଉଦ୍‌ଘାଟନ କରିବେ । ପ୍ରାୟ ୮୫୦ କୋଟି ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟକାରୀ ହେବାକୁ ଥିବା ଏହି କମ୍ପ୍ୟୁଟିଂ ବ୍ୟବସ୍ଥା' ଭାରତର ପାଣିପାଗ କ୍ଷେତ୍ରକୁ ଅଧିକ ସହାୟତା ଯୋଗାଇବ ।

## ସିଜ୍‌ଫାୟାର

ଆମେରିକା, ଫ୍ରାନ୍ସ ଏବଂ ଅନ୍ୟକେତେକ ସହଯୋଗୀ ଦେଶ ଇସ୍ରାଏଲ ଏବଂ ହିଜ୍‌ବୁଲ୍ଲା ମଧ୍ୟରେ ବୃଦ୍ଧି ପାଉଥିବା ସଂଘର୍ଷକୁ ଦୃଷ୍ଟିରେ ରଖି ଇସ୍ରାଏଲ-ଲେବାନନ୍ ସୀମାରେ ୨୧ଦିନିଆ ଯୁଦ୍ଧବିରାମ ତୁରନ୍ତ ଲାଗୁ

କରିବା ଲାଗି ଆହ୍ୱାନ ଦେଇଛନ୍ତି । ଆମେରିକା, ଫ୍ରାନ୍ସ, ୟୁରୋପୀୟ ସଂଘ, ଜର୍ମାନ, ସାଉଦୀଆରବ, କତ୍ତାର ଏବଂ ୟୁଏଇ ସମେତ ଅନ୍ୟକେତେକ ସହଯୋଗୀ ଦେଶଗୁଡ଼ିକ ପକ୍ଷରୁ ଏହି ବିଷୟ ଘୋଷଣା କରାଯାଇଛି । ସଂପୃକ୍ତ ଦେଶଗୁଡ଼ିକ କହିଛନ୍ତି ଇସ୍ରାଏଲ ଏବଂ ଲେବାନନ୍‌ର ସରକାର ଏହି ଅସ୍ଥାୟୀ ଯୁଦ୍ଧବିରତିକୁ ତୁରନ୍ତ ଅନୁମତି ଦେବା ଆବଶ୍ୟକ । ଆମେରିକାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଏହି ୨୧ଦିନିଆ ଅବଧି ମଧ୍ୟରେ ଗାଜାରେ ଯୁଦ୍ଧବିରତି ଲାଗୁ କରିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି ।

## ସିଡିଏସ୍‌ସିଓ-ମେଡ଼ିସିନ୍

କେନ୍ଦ୍ର ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ୫୦ରୁ ଅଧିକ ଔଷଧର ମାନ ସ୍ୱୀକୃତ ମାନକ ଠାରୁ କମ୍ ରହିଥିବା ମାସିକ ରିପୋର୍ଟରେ ପ୍ରକାଶ କରିଛି । ଫଳରେ ସେହିସବୁ ଔଷଧର ବ୍ୟବହାର ନେଇ ଚିନ୍ତାପ୍ରକାଶ ପାଇଛି । ସେହିସବୁ ଔଷଧ ମଧ୍ୟରେ ପାରାସିଟାମଲ, ଭିଟାମିନ୍ ବି-କମ୍ପ୍ଲେକ୍ସ, କ୍ୟାଲସିୟମ ଏବଂ ଭିଟାମିନ୍ ଡି-୩ ରହିଛି । ବିଭିନ୍ନ କମ୍ପାନୀଗୁଡ଼ିକ ଦ୍ୱାରା ଏହିସବୁ ଔଷଧ ପ୍ରସ୍ତୁତ ହେଉଥିବା ଜଣାପଡିଛି ।

# ଶ୍ରୀଲଙ୍କା-ନିର୍ବାଚନ

ଶ୍ରୀଲଙ୍କାରେ ନଭେମ୍ବର ୧୪ରେ ହେବାକୁଥିବା ସଂସଦୀୟ ନିର୍ବାଚନ ନିମନ୍ତେ ନିର୍ବାଚନ ଆୟୋଗ ସିଟ୍ ଆବଣ୍ଟନ କରିଛନ୍ତି । ୨୨ଟି ଜିଲ୍ଲାରେ ଗମପାହାକୁ ସର୍ବାଧିକ ୧୯ଟି ଆସନ ଦିଆଯାଇଥିବାବେଳେ ତ୍ରିଙ୍କୋମାଳିକୁ ୪ଟି ଆସନ ଦିଆଯାଇଛି । ମୋଟ୍ ୨୨୫ଟି ଆସନ ପାଇଁ ଜିଲ୍ଲା, ପ୍ରାନ୍ତୀୟ ଆସନ ଏବଂ ରାଷ୍ଟ୍ରୀୟ ସୂଚୀ ଅନୁଯାୟୀ ଆସନ ଆବଣ୍ଟନ କରାଯାଇଛି । ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଗତ ମଙ୍ଗଳବାର ସଂସଦକୁ ଭଙ୍ଗ କରିବା ସହ ନଭେମ୍ବର ୧୪ରେ ନିର୍ବାଚନ ନେଇ ଘୋଷଣା କରିଥିଲେ ।

# ଜୟଶଙ୍କର-ଜି୨୦

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଜାତିସଂଘ ମହାସଭା ବୈଠକ ପୂର୍ବରୁ ଗତକାଲି ନ୍ୟୁୟର୍କରେ ଜି-୨୦ ଦେଶସମୂହର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ଯୋଗ ଦେଇଥିଲେ । ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲ୍ଭା ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଡକ୍ଟର ଜୟଶଙ୍କର ବିଶ୍ୱରେ ଶାସନଗତ ସୁଧାର ନିମନ୍ତେ ୩ଟି ପ୍ରମୁଖ ପ୍ରସଙ୍ଗ ଉପରେ ଭାରତର ଚିନ୍ତାଧାରା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

ଶ୍ରୀ ଜୟଶଙ୍କର ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ମହତ୍ତ୍ୱପୂର୍ଣ୍ଣ ବିକାଶ ସମ୍ପର୍କରେ କହିଥିଲେ । ସେ କହିଥିଲେ ଜି-୨୦ ସମ୍ମିଳନୀରେ ବିକାଶ ଏବଂ ଜଳବାୟୁ ଅର୍ଥ ବ୍ୟବସ୍ଥା କ୍ଷେତ୍ରରେ ଅଧିକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ବିଭିନ୍ନ ଦେଶଗୁଡ଼ିକର ବିକାଶ ଦିଗକୁ ଲକ୍ଷ୍ୟରଖି ବହୁପକ୍ଷ ବିକାଶ ବ୍ୟାଙ୍କର ପ୍ରଭାବ ସମ୍ପର୍କରେ ଡକ୍ଟର ଜୟଶଙ୍କର ଆଲୋଚନା କରିଥିଲେ ।